# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16th November - 2024**

**News Editor *: Itishree Singh Rathaur***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଆସନ୍ତା ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଯୋଜନା ରହିଛି : କହିଲେ ମୁଖ୍ୟମନ୍ତ୍ରୀ ।

- ଡିଜିଟାଲ ମିଡିଆ ଯୁଗରେ ଭ୍ରମାତ୍ମକ ଖବର ପ୍ରଚାର ଗୁରୁତର ସମସ୍ୟା ସୃଷ୍ଟି କରିପାରେ : ମତପ୍ରକାଶ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

  - ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ ଶୀର୍ଷକ ନେଇ ଆଜି ପାଳିତ ହେଉଛି ଜାତୀୟ ପ୍ରେସ୍ ଦିବସ ।

- ରାଜ୍ୟରେ ଦୁଗ୍ଧ ଚାଷୀଙ୍କ ପାଇଁ ଖୁବ୍‌ଶୀଘ୍ର ଲାଗୁହେବ ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବ୍ୟବସ୍ଥା ।

ଏବଂ

- ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଆନ୍‌ସିପ୍‌ରେ ହରିଆନାକୁ ଫାଇନାଲରେ ପରାସ୍ତ କରି ଐତିହାସିକ ବିଜୟ ହାସଲ କଲା ଓଡ଼ିଶା ।

***BBSR***

# ମୁଖ୍ୟମନ୍ତ୍ରୀଙ୍କ ସିଙ୍ଗାପୁର ଗସ୍ତ

ରାଜ୍ୟକୁ ବିଦେଶୀ ପୁଞ୍ଜିନିବେଶ ଆକୃଷ୍ଟ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜିଠାରୁ ୫ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ଭୁବନେଶ୍ୱର ବିମାନ ବନ୍ଦରରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମାଝି କହିଛନ୍ତି ସେମିକଣ୍ଡକ୍ଟର, ପେଟ୍ରୋକେମିକାଲ୍ସ, ରସାୟନ, ଜାହାଜ ନିର୍ମାଣ, ଆର୍ଥିକ ସେବା, ସବୁଜ ଶକ୍ତି ଏବଂ ଇଲେକ୍ଟ୍ରୋନିକ୍ସ ଆଦି କ୍ଷେତ୍ରରେ ବିଦେଶୀ ପୁଞ୍ଜି ନିବେଶ ପାଇଁ ପଦକ୍ଷେପ ନିଆଯିବ । ଆଗାମୀ ୫ ବର୍ଷରେ ରାଜ୍ୟରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ସରକାର ଯୋଜନା କରିଛନ୍ତି । ଶିଳ୍ପ ଏବଂ ବ୍ୟବସାୟ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିକରି ବିକଶିତ ଓଡ଼ିଶା ନିର୍ମାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଗସ୍ତକାଳରେ ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସହ ଆଲୋଚନା କରି ଶିଳ୍ପପତି ଓ ବାଣିଜ୍ୟିକ ପ୍ରତିନିଧିମାନଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିବେ ବୋଲି ଜଣାପଡିଛି । ସୂଚନାଯୋଗ୍ୟ ଆସନ୍ତାବର୍ଷ ଜାନୁଆରୀ ୨୮ ଓ ୨୯ରେ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ୨୦୨୫ର ଆୟୋଜନ ହେବ । ମିଶନ ଉତ୍କର୍ଷ ଓଡ଼ିଶା ଦ୍ୱାରା ସିଙ୍ଗାପୁରରେ ଶିଳ୍ପ ବିଭାଗ ପକ୍ଷରୁ ଏକ ରୋଡ଼ ଶୋ' ଆୟୋଜନ କରାଯିବ ।

***Desk***

# ଜାତୀୟ ପ୍ରେସ୍ ଦିବସ–୧

ଜାତୀୟ ପ୍ରେସ୍ ଦିବସ ଆଜି ପାଳନ କରାଯାଉଛି। ୧୯୬୬ ମସିହା ଆଜିର ଦିନରେ କେନ୍ଦ୍ର ସରକାର ଭାରତୀୟ ପ୍ରେସ୍ କାଉନ୍‌ସିଲ ଗଠନ କରିଥିଲେ। ସମ୍ବାଦପତ୍ର ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଏବଂ ପ୍ରେସ୍ କାଉନ୍‌ସିଲ ହେଉଛି ସମ୍ବାଦପତ୍ରଗୁଡ଼ିକର ନୈତିକ ପ୍ରହରୀ। ସମ୍ବାଦପତ୍ରଗୁଡ଼ିକ ଉପରେ ନଜର ରଖିବା ସହ ଆବଶ୍ୟକ ପଡିଲେ ପରାମର୍ଶ, ସମୀକ୍ଷା ଏବଂ ବିବାଦୀୟ ସମ୍ବାଦ ପ୍ରସାରଣ ଉପରେ ବିଚାର କରି ନୈତିକ ଯାଞ୍ଚକର୍ତ୍ତା ଭାବେ ପ୍ରେସ୍ କାଉନ୍‌ସିଲ କାମ କରୁଛି। ପ୍ରେସ୍‌ର ସ୍ୱାଧୀନତାକୁ ବଜାୟ ରଖିବା ଦିଗରେ ପ୍ରେସ୍ କାଉନ୍‌ସିଲ ଅଫ୍ ଇଣ୍ଡିଆ କାମ କରୁଛି। ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ'।

ନୂଆଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଅର୍ଥ ବଦଳରେ ଖବର ପ୍ରସାରଣ ସମାଜ ପାଇଁ ବିପଦ ସାଜିଛି। ଡିଜିଟାଲ ମିଡିଆର ଏହି ଯୁଗରେ ଭ୍ରମାତ୍ମକ ଖବରର ପ୍ରଚାର ଗୁରୁତର ସମସ୍ୟା ସୃଷ୍ଟି କରିପାରେ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦେଶରେ ଡିଜିଟାଲ ମିଡିଆ ନୂଆ ସୁଯୋଗ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ସୂଚନା ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ, ସଚିବ ସଞ୍ଜୟ ଯାଜୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

***Desk, Nayagarh, Parlakhemundi, Dhenkanal***

# ଜାତୀୟ ପ୍ରେସ୍ ଦିବସ–୨

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ଆନୁକୂଲ୍ୟରେ ଜାତୀୟ ପ୍ରେସ୍ ଦିବସ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜସ୍ୱ ବିପର୍ଯ୍ୟୟ ଓ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ସମ୍ବାଦ ଖୋଜିବା, ସତ୍ୟତା ପରଖିବା ଏବଂ ନିର୍ଭୀକ ଓ ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରିବା ଜଣେ ଭଲ ସାମ୍ବାଦିକର ପରିଚୟ। ବାତ୍ୟା ଦାନା ଓ ଏହା ପରବର୍ତ୍ତୀ ବନ୍ୟା ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ସାମ୍ବାଦିକମାନଙ୍କ ଭୂମିକାର ସେ ପ୍ରଶଂସା କରିଛନ୍ତି। ଓଡ଼ିଶାକୁ ଏକ ଆଧୁନିକ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଗଣମାଧ୍ୟମକୁ ଆହୁରି ମାର୍ଜିତ ଓ ସହଭାଗୀ ହେବାପାଇଁ ସେ ଆହ୍ୱାନ ଦେଇଛନ୍ତି।

**- V/O -**

ସେହିପରି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୁବ ସାମ୍ବାଦିକଙ୍କୁ ମିଥ୍ୟା ଖବରରୁ ଦୂରେଇରହି ସତ୍ୟ ଖବର ପରିବେଷଣ ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକମାନେ ଯୋଗଦେଇଥିଲେ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ହୋଇଛି । ଏଥିରେ ଭାରତୀୟ ସୂଚନା ସେବାର ବରିଷ୍ଠ ଅଧିକାରୀ ତଥା ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ ପ୍ରେସ୍‌ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଗଣମାଧ୍ୟମର ସ୍ୱାଧୀନତା ଉପରେ ଆଲୋକପାତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଏବଂ ସାମ୍ବାଦିକ ଜଗବନ୍ଧୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏହି ଆଲୋଚନାଚକ୍ରରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାପ୍ରଶାସନର ଅଧିକାରୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ ।

ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସମାଜ ନିର୍ମାଣରେ ଭୂମିକା ବିଷୟରେ ଆଲୋଚନା ହୋଇଥିଲା ।

ଢେଙ୍କାନାଳ ଜିଲ୍ଲାପ୍ରଶାସନ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ କର୍ମଶାଳାରେ ଭାରତୀୟ ଜନସଞ୍ଚାର ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଗଣମାଧ୍ୟମରେ କାର୍ଯ୍ୟରତ

ସାମ୍ବାଦିକମାନଙ୍କୁ ଦକ୍ଷତା ବିକାଶ ପାଇଁ ତାଲିମ ନେବା ଓ ସକାରାତ୍ମକ ବିଷୟବସ୍ତୁ ଆଧାରିତ ଖବର ପରିବେଷଣ କରିବାକୁ ଆହ୍ୱାନ ଦେଇଛନ୍ତି।

***BBSR***

# ଓମ୍‌ଫେଡ୍ ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା

ରାଜ୍ୟର ଦୁଗ୍ଧଚାଷୀଙ୍କ ପାଇଁ ଖୁବ୍‌ଶୀଘ୍ର ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ବ୍ୟବସ୍ଥା ଲାଗୁ କରାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ଭୁବନେଶ୍ୱର ସହିଦନଗରସ୍ଥିତ ଓମ୍‌ଫେଡ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ସମ୍ବଲପୁର, ବ୍ରହ୍ମପୁର ଏବଂ ବାଲେଶ୍ୱରରେ ଓମ୍‌ଫେଡ୍‌ର ଡାଏରୀ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବ। ନୂଆ ଡାଏରୀ ପ୍ଲାଣ୍ଟ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇସାରିଛି। ଓମ୍‌ଫେଡ୍ ପ୍ରସ୍ତୁତ ପାଣି, ଚକଲେଟ୍ ଏବଂ ଆଇସକ୍ରିମ୍ ବଜାରକୁ ଆଣିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ପଞ୍ଚାୟତଗୁଡ଼ିକରେ ଓମ୍‌ଫେଡ୍ ପାର୍ଲର ଖୋଲିବାର ମଧ୍ୟ ବ୍ୟବସ୍ଥା ହୋଇଛି। ଏପର୍ଯ୍ୟନ୍ତ ବିଭିନ୍ନ ପଞ୍ଚାୟତରେ ୨୦ଟି କ୍ଷୀରଧାରା କେନ୍ଦ୍ର କାର୍ଯ୍ୟ କରୁଛି। ବଜାରରେ ଓମ୍‌ଫେଡ୍‌ର ୨ କୋଟି ଟଙ୍କା ବକେୟା ରାଶି ପଡ଼ିରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେବାସହ ସେଥିରୁ ୮୨ ଲକ୍ଷ ଟଙ୍କା ଆଦାୟ ହୋଇଛି ବୋଲି କହିଛନ୍ତି। ତେବେ ସପ୍ତାହକ ମଧ୍ୟରେ ବକେୟା ପ୍ରାପ୍ୟ ଆଦାୟ ନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

***BBSR***

# ଭରତପୁର ଥାନା ମାମଲା

ଭୁବନେଶ୍ୱର ଭରତପୁର ଥାନା ମାମଲାର ତଦନ୍ତ କରୁଥିବା ଜଷ୍ଟିସ ଚିତ୍ତରଞ୍ଜନ ଦାଶ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଛି। ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ତଦନ୍ତ କମିଶନଙ୍କ କାର୍ଯ୍ୟକାଳ ଆସନ୍ତା ୨୨ ନଭେମ୍ବରରେ ଶେଷ ହେଉଥିଲା ବୋଲି ଜଣାପଡ଼ିଛି।

***Desk***

## ବିକଶିତ ଭାରତ ୨୦୪୭

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧିନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିକଶିତ ଭାରତ ୨୦୪୭ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଏବଂ ସଚେତନତା କାର୍ଯ୍ୟକ୍ରମ କଟକ ବାଲିଯାତ୍ରା ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ୮ ଦିନ ବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ କଟକ ସାଂସଦ ଭର୍ତ୍ତୃହରି ମହତାବ ଉଦ୍‌ଘାଟନ କରିଥିଲେ। ଦେଶକୁ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଓ ବିଶ୍ୱର ପ୍ରମୁଖ ସମୃଦ୍ଧଶାଳୀ ରାଷ୍ଟ୍ର ଭାବରେ ଗଢ଼ିତୋଳିବା ପାଇଁ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରି ଶ୍ରୀ ମହତାବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଷ୍ଟିକୋଣ ଏବଂ ଉଚ୍ଚ ଚିନ୍ତାଧାରା ପାଇଁ ଦେଶ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଉଭାହୋଇଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଏବଂ ପତ୍ରସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପ୍ରଦର୍ଶନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ ଭୁବନେଶ୍ୱରର

ନିର୍ଦ୍ଦେଶକ ଡ. ଗିରିଶ ଚନ୍ଦ୍ର ଦାଶ ଓ ପତ୍ରସୂଚନା କାର୍ଯ୍ୟାଳୟର ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି ଉପସ୍ଥିତ ଥିଲେ। କାର୍ଯ୍ୟାଳୟର ଅଧିକାରୀ ମହେନ୍ଦ୍ର ପ୍ରସାଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

***Puri***

## ରାଷ୍ଟ୍ରଦୂତଙ୍କ ଗସ୍ତ

ପୁରୀ ଜିଲ୍ଲା କୋଣାର୍କ ସୂର୍ଯ୍ୟମନ୍ଦିର ଓ ବାଖ୍ୟାନ କେନ୍ଦ୍ରକୁ ଆଜି ୨୦ ଦେଶର ରାଷ୍ଟ୍ରଦୂତ ପରିଦର୍ଶନ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିରର କଳାଭାସ୍କର୍ଯ୍ୟ ତାଙ୍କୁ ଆକର୍ଷିତ କରିଥିଲା ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏଭଳି ଭାସ୍କର୍ଯ୍ୟ ଅଭୂତପୂର୍ବ ଏବଂ ଚିରସ୍ମରଣୀୟ ବୋଲି ସେମାନେ କହିଛନ୍ତି। ରାଷ୍ଟ୍ରଦୂତଙ୍କ ଗସ୍ତକୁ ନେଇ ଜିଲ୍ଲାପ୍ରଶାସନ ଏବଂ ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

***Desk***

## ଓଡ଼ିଶା ହକି ଚମ୍ପିଆନ୍‌ସିପ୍‌ରେ ଚମ୍ପିଆନ

ଚେନ୍ନାଇଠାରେ ଅନୁଷ୍ଠିତ ୧୪ତମ ଜାତୀୟ ବରିଷ୍ଠ ପୁରୁଷ ହକି ଚାମ୍ପିଆନ୍‌ସିପ୍‌ରେ ଓଡ଼ିଶା ବିଜୟୀ ହୋଇଛି। ଫାଇନାଲରେ ମ୍ୟାଚରେ ଆଜି ଓଡ଼ିଶା ହରିଆନାକୁ ୫-୧ ଗୋଲରେ ପରାସ୍ତ କରି ଐତିହାସିକ ସଫଳତା ହାସଲ କରିଛି। ଏହି ସଫଳତା ପରେ ରାଜ୍ୟପାଳ ରଘୁବର ଦାଶ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

***Bhadrak***

# ଭଦ୍ରକ ବାଲିଯାତ୍ରା

ଭଦ୍ରକର ବହୁପୁରାତନ ବାଉଦପୁରର ଶ୍ରୀଶ୍ରୀ ନିତାଇଗୌର ଏବଂ ହରିହର ବାଲିଯାତ୍ରା ଆରମ୍ଭ ହୋଇଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ୮ ଦିନ ଧରି ଚାଲିବ।